**ଅସଦାଚରଣ ଅଭିଯୁକ୍ତ ଗିରଫ**

ଛେଣ୍ଡିପଦା,(ଅଜିତ ଧଳ): ଛେଣ୍ଡିପଦା ଥାନା ସନ୍ତରାବନ୍ଧ ଗ୍ରାମରେ ଜଣେ ମହିଳାଙ୍କୁ ଅସଦାଚରଣ କରିବା ସହିତ ଟାଙ୍ଗିଆରେ ଆକ୍ରମଣ ଉଦ୍ୟମ କରିଥିବା ଅଭିଯୋଗରେ ପୋଲିସ କଷ୍ଟୁ ବେହେରାଙ୍କୁ ଗିରଫ କରିଛି। ପୋଲିସ କହିଛି, କଷ୍ଟୁ ସମ୍ପୃକ୍ତା ମହିଳାଙ୍କୁ ଗାଳିଗୁଲଜ କରିବା ସହିତ ଅସଦାଚରଣ କରିଥିଲେ। ଏପରିକି ଟାଙ୍ଗିଆରେ ଅକ୍ରମଣ ଉଦ୍ୟମ କରିଥିଲେ। ଏ ନେଇ ମହିଳା ଜଣକ ପୋଲିସକୁ ସୂଚନା ଦେବା ପରେ ପୋଲିସ କଷ୍ଟୁଙ୍କୁ ଗିରଫ କରିଥିଲା।



# ଛାତ୍ରୀଛାତ୍ରଙ୍କୁ କ୍ୟାରିୟର କାଉନସେଲିଂ

ଢେଙ୍କାନାଳ,୨୪।୧୨(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ସିଙ୍ଗା ରାଇତଳା ଅପଗ୍ରେଡେଟ୍ ହାଇସ୍କୁଲରେ କ୍ୟାରିୟର କେଉନସେଲିଂ ପ୍ରଧାନ ଶିକ୍ଷକ କ୍ଷୀରୋଦ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ସିବିଆଇ ବିଚାରପତି ଭିକାରୀ ଚରଣ ରାଉତ ଓ ପୂର୍ବତନ କଞ୍ଜରଭେଟର ଉପେନ୍ଦ୍ର ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ବୃତ୍ତି ସମ୍ପର୍କରେ ବୁଝାଇବା ସହିତ ଚରିତ୍ର ଗଠନ ଉପରେ ପରାମର୍ଶ ଦେଇଥିଲେ। ଏଥିରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ।



# ରାଜ୍ୟସ୍ତରୀୟ ବୌଦ୍ଧିକ ଦିବ୍ୟାଙ୍ଗ ଖେଳକୁଦ ଉଦ୍‌ଯାପିତ



ରାଜ୍ୟସ୍ତରୀୟ ବୌଦ୍ଧିକ ଦିବ୍ୟାଙ୍ଗ ଖେଳକୁଦ ପ୍ରତିଯୋଗିତାରେ କୃତୀ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

ଢେଙ୍କାନାଳ,୨୪।୧୨(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁର ପଞ୍ଚାୟତର ଜ୍ୟୋତିନଗରସ୍ଥିତ ଜୀବନଜ୍ୟୋତି ବୌଦ୍ଧିକ ଦିବ୍ୟାଙ୍ଗ ରୌପ୍ୟ ଜୟନ୍ତୀ ଖେଳକୁଦ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭେନ୍ଦୁ କୁମାର ଖୁଣ୍ଟିଆ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ଝାରସୁଗୁଡାର ବୃନ୍ଦାମାଳ, ମୟୂରଭଞ୍ଜର ମନୋବିକାଶ, କଟକର ମଦର ଟେରେସା, ନୟାଗଡ଼ର ସେବା, ସୃଷ୍ଟି, ମୟୂରଭଞ୍ଜର ଭାରତଜ୍ୟୋତି, ଭୁବନେଶ୍ୱରର ଚେତନା, କଟକର ଆଇଆର୍‌ସିଏସ୍ ଓ ଢେଙ୍କାନାଳ ଅକ୍ଷମ କଲ୍ୟାଣ ସମିତିର ଦିବ୍ୟାଙ୍ଗ ବିଦ୍ୟାଳୟ ଆଦି ରାଜ୍ୟର ୩୦ ଜିଲାରୁ ୩୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ଆରତୀପ୍ରଭା ସେନାପତି, ରମେଶ ଚନ୍ଦ୍ର ପରିଡା, ଜ୍ୟୋତି ମହାପାତ୍ର, ଶୁଭସ୍ମିତା ସାହୁ, ଲିପିକା କର, ନବକିଶୋର ଡାକୁଆ, ଶିବାନୀ ରଥ, ପବିତ୍ର ମୁଦୁଲି, ଜ୍ୟୋତିରଞ୍ଜନ ବଳିୟାରସିଂ ପ୍ରମୁଖ କର୍ମଚାରୀମାନେ ସହଯୋଗ କରିଥିଲେ। ଜୀବନଜ୍ୟୋତିର ମୁଖ୍ୟ ପ୍ରଦ୍ୟୁମ୍ନ କୁମାର ମହାପାତ୍ର ପରିଚାଳନା କରିଥିଲେ।

# ଦାନ ସଂସ୍କୃତି ଜାଣନ୍ତୁ ପିଲା

ଢେଙ୍କାନାଳ,୨୪।୧୨(ରତନ ନାୟାର)

ଢେଙ୍କାନାଳ ସହରସ୍ଥିତ ସୂର୍ଯ୍ୟମଣ୍ଡପ ଠାରେ ରେନେସା ୟୁନିଭରସାଲ ପକ୍ଷରୁ ଜଏ ଅଫ୍ ଗିଭିଂ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ସାମାଜିକ କର୍ମୀ ବିପିନ ମହାନ୍ତି କହିଲେ, ଦାନରେ ଆନନ୍ଦ ରହିଛି। ଏହି ଦାନ ସଂସ୍କୃତି ନିଜେ ଆପଣାଇବା ସହ ଶିଶୁମାନଙ୍କୁ ମଧ୍ୟ ଏ ନେଇ ଶିକ୍ଷାଦେବା ଆବଶ୍ୟକ। ପରିବେଶ ସୁରକ୍ଷା ପାଇଁ ମଧ୍ୟ ସ୍ୱତଃପ୍ରବୃତ୍ତ ଭାବେ ଚାରାରୋପଣ କରିବା ଉପରେ ସେ ଗୁରୁତ୍ୱ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଫେସର ମୃଣାଳ ଚାଟାର୍ଜୀ, ସାମାଜିକ କର୍ମୀ ରାଜକିଶୋର ବେହେରା, ଶିଶୁ ଗବେଷକ ବିରଞ୍ଚି ନାରାୟଣ ସେଠ ଯୋଗଦେଇ ଦାନର ଅନୁଭବ ସମ୍ପର୍କରେ ନିଜସ୍ୱ ଅନୁଭବ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଶିକ୍ଷକ, ଅଧ୍ୟାପିକା ଅଧ୍ୟାପକ, ସାମାଜିକ କର୍ମୀ, ଶିକ୍ଷାବିତ୍ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।


ରେନେସା ୟୁନିଭର୍ସାଲ ପକ୍ଷରୁ ଆଲୋଚନାଚକ୍ର।

# ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

କାମାକ୍ଷାନଗର,୨୪।୧୨(ସୁଧୀର ପରିଡା)

କଙ୍କଡାହାଡ଼ ବ୍ଲକ ଘାଗରାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଆଞ୍ଚଳିକ ବିଦ୍ୟାନିକେତନ ସୁନ୍ଦରମୁଣ୍ଡି ଉଚ୍ଚ ବିଦ୍ୟାଳୟ ପରିସରରେ ଚାଲିଥିବା ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତ୍ରିଦେ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ନବକିଶୋର ସାହୁ, ମୁଖ୍ୟ ବକ୍ତା ଭାବେ ଢେଙ୍କାନାଳ ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ରାଜେଶ କୁମାର ଦେହୁରୀ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଲେଖ ସାହୁ, ସିଆରସିସି ବିଷ୍ଣୁ ସିଂହ, ପୁରାତନ ବିଦ୍ୟାଳୟ ପରିଚାଳନା କମିଟି କର୍ମକର୍ତ୍ତା କୁଳମଣି ସିଂହ, ଭରତ ସିଂହ, ଉମ୍ବରୁଧର ସାହୁ, ୱାର୍ଡ ସଦସ୍ୟ ବିପିନି ବିହାରୀ ସିଂହ ଯୋଗ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଶିକ୍ଷକ କଳାକର ସାହୁ, ରତିକାନ୍ତ ସେଠି, ମାମି ସାହୁ ସହଯୋଗ କରିଥିଲେ। ସରୋଜ ସାହୁ ଖେଳ ପରିଚାଳନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



# ଅନନ୍ତ ଶ୍ରୀକ୍ଷେତ୍ରରେ ବାର୍ଷିକ ଉତ୍ସବ

ସାତମାଇଲ,୨୪।୧୨
(ସୁଶାନ୍ତ କୁମାର ପତି)

ଓଡ଼ାପଡ଼ା ବ୍ଲକ ବଦାଲୁ ପଞ୍ଚାୟତ ଅଧୀନ ଘୋଡାଡିଆଁ ଗ୍ରାମ ଅନନ୍ତ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ଚାଲିଥିବା ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ କଳସଯାତ୍ରା, ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ବୁଧବାର ଅପରାହ୍ନରେ ଯଜ୍ଞର ପୂର୍ଣ୍ଣାହୁତି ଦିଆଯିବା ପରେ ନଗର ପରିଭ୍ରମଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରାମର ଆବାଳ ବୃଦ୍ଧ ବନିତା ସାମିଲ ହୋଇଥିଲେ। ଆଖପାଖ ଅଞ୍ଚଳରୁ ଭକ୍ତମାନେ ଯୋଗଦେଇ ପ୍ରସାଦ ସେବନ କରିଥିଲେ। ମନ୍ଦିର କମିଟି ପରିଚାଳନା କରୁଥିବାବେଳେ ଗ୍ରାମବାସୀ ସହଯୋଗ କରିଥିଲେ।

# ଜାତୀୟ ଶିକ୍ଷାନୀତି ଉପରେ ମାର୍ଗଦର୍ଶନ



ବାର୍ଷିକ ଉତ୍ସବ ଅବସରରେ ମଞ୍ଚାସୀନ ଅତିଥିମାନେ।

ଢେଙ୍କାନାଳ,୨୪।୧୨(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ଗେଙ୍ଗୁଟିଆ ସରସ୍ୱତୀ ଶିଶୁ ମନ୍ଦିରର ୨୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତି ସଭାପତି ଦୀନବନ୍ଧୁ ମଲ୍ଲିକଙ୍କ ସଭାପତିତ୍ୱରେ ପ୍ରଧାନ ଆଚାର୍ଯ୍ୟ ପ୍ରଭାତ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଖଣି, ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଭାବେ ଆର୍‌ଏସ୍‌ଏସ୍ ଜିଲା କାର୍ଯ୍ୟବାହ ଶଶିକାନ୍ତ ଦାସ, ବିଡିଓ ଆୟୁଷୀ ମହାପାତ୍ର ଯୋଗଦେଇ ଜାତୀୟ ଶିକ୍ଷାନୀତି-୨୦୨୦ ଉପରେ ମାର୍ଗଦର୍ଶନ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିଶୁ ମନ୍ଦିରର ୨୫ଜଣ ଗୁରୁମା, ଗୁରୁଜୀ, ସେବିକା ଏବଂ ବିଦ୍ୟାଳୟର ଶୁଭେଚ୍ଛୁ, ଉପଦେଷ୍ଟା ମଣ୍ଡଳୀ, ବିଦ୍ୟୁତ୍ ପରିଷଦ, ପରିଚାଳନା ସମିତି ସମ୍ପାଦକ, କ୍ଷୁଦ୍ର ଶିଳ୍ପ ଉଦ୍ୟୋଗୀ, ଗ୍ରାମ୍ୟ କମିଟି ସଭାପତି, ମୋ ସ୍କୁଲ୍ ଅଭିଯାନ ଅଧକ୍ଷ ରମେଶ ଚନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଅଶାନ୍ତ ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ।

# ୨ ଦିନିଆ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

କାମାକ୍ଷାନଗର,୨୪।୧୨(ଅମଜାଦ ଖାନ)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଜିରିଡାମାଲିଠାରେ ସେଣ୍ଟ ଜାଭିୟର ହାଇସ୍କୁଲରେ ଚାଲିଥିବା ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। କେଜି ୧. ୨ ଓ ୩ର ବାଳିକାବାଳକ କନିଷ୍ଠ ଓ ଉପକନିଷ୍ଠ, ବରିଷ୍ଠ ଓ ଉପ ବରିଷ୍ଠ ବିଭାଗର ଛାତ୍ରୀଛାତ୍ରମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ଏଥିରେ ୧୦୦, ୨୦୦, ୪୦୦ ମିଟର ଦୌଡ଼, ଚାମଚ ଦୌଡ଼, ଫ୍ରଗ ଜମ୍ପ, ସର୍ଟପୁଟ୍ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ପ୍ରମୋଦ ଦାସ, ଅଧ୍ୟକ୍ଷ ଶଶିଭୂଷଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ଆଇନଜୀବୀ ବିମଳ ଚନ୍ଦ୍ର ବିଶ୍ୱାଳ ଓ ପଣ୍ଡୁଆ ପାରିମାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗର ଅଧ୍ୟାପକ ରଶ୍ମିରଞ୍ଜନ ଦାସ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଉପାଧ୍ୟକ୍ଷା ବୀଣାପାଣି ସାମଲ, ଶିକ୍ଷୟିତ୍ରୀ କବିତାରାଣି ପଣ୍ଡା, ସ୍ନେହାଝରା ବେହେରା, ସୌମ୍ୟ ଶେଫାଳି ବେହେରା, ସ୍ୱାତୀ ସ୍ୱାଗତିକା ପଣ୍ଡା, ସସ୍ମିତା ବାରିକ, ଶିକ୍ଷକ ସରୋଜ ଦାସ, ଶତ୍ରୁଘ୍ନ ମିଶ୍ର, ବିଦ୍ୟାଧର ବିଶ୍ୱାଳ, ବିଶ୍ୱଜିତ୍ ପଣ୍ଡା ପରିଚାଳନା କରିଥିଲେ।



# ପାରମ୍ପରିକ ନୃତ୍ୟଗୀତରେ ଝୁମିଲେ ଆଦିବାସୀ



କାମାକ୍ଷାନଗର,୨୪।୧୨
(ସୁଧୀର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗର ସାରଙ୍ଗଧର ଷ୍ଟାଡିୟମ ପରିସରରେ ଆଦିବାସୀଙ୍କ ଭାଷା ଦିବସ ପାଳିତ ହୋଇଯାଇଛି। ଏହି ଦିନରେ ଅଲଚିକି ଭାଷାକୁ ସରକାରୀ ମାନ୍ୟତା ମିଳିଥିଲା। ଏହି ଉପଲକ୍ଷେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଶତାଧିକ ଆଦିବାସୀ ଯୋଗଦେଇ କାର୍ଯ୍ୟକ୍ରମରେ ଭାଗନେଇଥିଲ। ଆଦିବାସୀ ମିଳିତ ସଂଘର୍ଷ ମଞ୍ଚ, ମାଝି ପ୍ରଗଣା ମହଲ, ଆଦିବାସୀ ଚେତନା ସଙ୍ଗଠନ, ଆଦିବାସୀ ମୁକ୍ତି ସଙ୍ଗଠନର ଶତାଧିକ ଆଦିବାସୀ ଏକତ୍ରିତ ହୋଇ ସାରଙ୍ଗଧର ଷ୍ଟାଡିୟମଠାରୁ ଏକ ବିରାଟ ଶୋଭାଯାତ୍ରାରେ ପାରମ୍ପରିକ ନୃତ୍ୟଗୀତର ତାଳେତାଳେ କାମାକ୍ଷାନଗର ବଜାର ପରିକ୍ରମା କରିଥିଲେ। ପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚି ୨୧ ଦଫା ସମ୍ବଳିତ ଏକ ଦାବି ଉପସ୍ଥାପନ କରିଥିଲେ। ଏହାପରେ ଷ୍ଟାଡିୟମଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମାଧବ ମାରାଣ୍ଡି, ପ୍ରତାପ ମାରାଣ୍ଡି, ସହଦେବ ଟୁଡୁ, ପୀତାମ୍ବର ମାରାଣ୍ଡି, ଫଗୁ ମୁର୍ମୁ, ରୁପାଇ ମୁର୍ମୁ, ରାମଚନ୍ଦ୍ର ମୁର୍ମୁ, ନରେନ୍ଦ୍ର ହେମ୍ବ୍ରମ, ସୁନାରାମ ମୁର୍ମୁ, ଶୋଭନ ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

# ଅସହାୟ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ

ସାତମାଇଲ,୨୪।୧୨(ସୁଶାନ୍ତ କୁମାର ପତି)

ଓଡ଼ାପଡ଼ା ବ୍ଲକ ଗୁଡିଆକାଟେଣି ଛକ ନିକଟସ୍ଥ ଚୌଧୁରୀମଲ ପରିସରରେ ଅସହାୟ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଶିକ୍ଷାବିତ୍ ରବିନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ାପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୀୟ କେତନ ସ୍ୱାଇଁ ଯୋଗ ଦେଇଥିଲେ। ଶିକ୍ଷାବିତ ହୃଦାନନ୍ଦ ଦ୍ୱିବେଦୀ, ବଳରାମପ୍ରସାଦ ସରପଞ୍ଚ କାଞ୍ଚନବାଳା ରାଉତ, ସାମାଜିକ କର୍ମୀ ପ୍ରଶ୍ମ ସାହୁ, ବିଭୁତି ଭୁଷଣ ସାହୁ, ଚନ୍ଦ୍ରଶେଖର ସାହୁ, ପ୍ରତାପ ଚନ୍ଦ୍ର ନନ୍ଦ ପ୍ରମୁଖ ଯୋଗଦେଇ ଉପସ୍ଥିତ ଗରିବ ଅସହାୟମାନଙ୍କୁ କମ୍ବଳ ବଣ୍ଟନ କରିଥିଲେ। ବିଶ୍ୱରଞ୍ଜନ ସାହୁ, ବିକାଶ ରଞ୍ଜନ ସାହୁ, ବିଭାସ ରଞ୍ଜନ ସାହୁ ପରିଚାଳନା କରିଥିଲେ। ଚୌଧୁରୀମଲର କର୍ମଚାରୀ ସହଯୋଗ କରିଥିଲେ।


ଜଣେ ଅସହାୟାଙ୍କୁ କମ୍ବଳ ବଣ୍ଟନ କରାଯାଉଛି।

# ଜଙ୍ଗଲ ନିଆଁ ପ୍ରତିରୋଧକ ସଚେତନତା ଅଭିଯାନ



ଜଙ୍ଗଲ ନିଆଁ ପ୍ରତିରୋଧକ ସଚେତନତା ଅଭିଯାନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

କାମାକ୍ଷାନଗର,୨୪।୧୨
(ଅମଜାଦ ଖାନ)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ମହାବିରୋଡ ପଳାଶୁଣି ମହିମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଜଙ୍ଗଲ ନିଆଁ ପ୍ରତିରୋଧକ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ରମାନାଥ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଜିଲା ଡିଏଫଓ ସୁମିତ କୁମାର କର, ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପରିବେଶବିତ୍ ବାଉରୀବନ୍ଧୁ ବେଚ, ଅଧ୍ୟାପକ ରବିନାରାୟଣ ସାହୁ, ଅଧ୍ୟାପକ ପ୍ରତାପ ଚନ୍ଦ୍ର ରଣା, ମହାବୀରୋଡ୍ ରେଞ୍ଜର ହରେଶ କୁମାର କିଷାନ ଯୋଗ ଦେଇଥିଲେ। କଲେଜର ଛାତ୍ରୀଛାତ୍ରମାନେ ଜଙ୍ଗଲ ସମ୍ପର୍କିତ ବିଭିନ୍ନ ସ୍ଲୋଗାନ ଦେଇ ମହାବିରୋଡ ଗ୍ରାମ ପରିକ୍ରମା କରି ଜନସାଧାରଣଙ୍କୁ ସଚେତନତା କରିଥିଲେ। କଲେଜର କର୍ମଚାରୀ ଓ ବନବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।

# ବୃଦ୍ଧ ଗୁଣ୍ଡିଚାଙ୍କୁ ସହାୟତା

କାମାକ୍ଷାନଗର,୨୩।୧୨(ଅମଜାଦ ଖାନ)

ଢେଙ୍କାନାଳ ଜିଲା କଙ୍କଡାହାଡ଼ ବ୍ଲକ, ମକୁଆକାଟେଣୀ ପଞ୍ଚାୟତ ମକୁଆକାଟେଣୀ ଜାମୁଚକଡ଼ା ସାହିର ବୃଦ୍ଧ ଗୁଣ୍ଡିଚା ବେହେରା(୭୫)ଙ୍କୁ ସହାୟତାର ହାତ ବଢାଇଛନ୍ତି ଯୁବଶକ୍ତିର ଅଧ୍ୟକ୍ଷ ତଥା ପରଜଙ୍ଗ ନିର୍ବାଚନ ମଣ୍ଡଳୀର ବିଜେଡି ଯୁବନେତା ହିମାଂଶୁ ଭୂଷଣ ବାରିକ। କିଛିଦିନ ତଳେ ଗୁଣ୍ଡିଚାଙ୍କ ଗୋଡ ଭାଙ୍ଗି ଯାଇଥିଲା। ଫଳରେ ସେ ଦୁର୍ଦ୍ଦିନରେ ଦିନ କାଟୁଥିଲେ। ଖବରପାଇ ହିମାଂଶୁ ଗୁଣ୍ଡିଚାଙ୍କ ଘରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ବୁଝିବା ସହ ବିସ୍କୁଟ, ଆପଲ, କ୍ଷୀର, ବ୍ରେଡ, ମିକ୍ସଚର ଆଦି ପ୍ରଦାନ ଦେଇଥିଲେ। ଆଗାମୀ ଦିନରେ ଆବଶ୍ୟକ ହେଲେ ଅନ୍ୟାନ୍ୟ ସହଯୋଗ କରିବେ ବୋଲି ବୃଦ୍ଧାଙ୍କୁ ପ୍ରତିଶ୍ରୁତି ଦେଇଥିଲେ।



# ସୁସ୍ଥ ଶରୀର ଗଠନରେ କ୍ରୀଡ଼ାର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନ,୨୪।୧୨(ବିପିନ ବିହାରୀ ସେଠୀ)

ଭୁବନ ବ୍ଲକ ମୃଦଙ୍ଗ ପଞ୍ଚାୟତ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ୭ମ ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ୧୩୦ ଜଣ ପ୍ରତିଯୋଗୀ ୧୬ଟି ବିଭାଗରେ ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମହୁଲପାଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ସାହୁ ଯୋଗଦେଇ ସୁସ୍ଥ ଶରୀର ଗଠନରେ କ୍ରୀଡାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ରବୀନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ସୋନାଲି ପରିଡ଼ା ଯୋଗଦେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ବିଦ୍ୟାଳୟ ସମ୍ପାଦକ ପ୍ରକାଶ ଚନ୍ଦ୍ର ଆଏଚ ସଭାପତିତ୍ୱ କରିଥିଲେ। ଅଧ୍ୟକ୍ଷ କାର୍ତ୍ତିକେଶ୍ୱର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ।



ଚଳିତବର୍ଷ ବାର୍ଷିକ କ୍ରୀଡାରେ ବରିଷ୍ଠ ବିଭାଗରେ କ୍ରିଷ୍ଣାସୁ ମହାରଣା, କନିଷ୍ଠ ବିଭାଗରେ ନିର୍ମାଲ୍ୟ ବେହେରା ଶ୍ରେଷ୍ଠ ଖେଳାଳି ଭାବେ ମନୋନୀତ ହୋଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀ ଛାତ୍ର ଓ ଅଭିଭାବକ ଉପସ୍ଥିତ ଥିଲେ। ସହକାରୀ ଶିକ୍ଷକ ମହେଶ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ବାର୍‌ହା ଆକ୍ରମଣରେ ୨ ଆହତ

ଅନୁଗୋଳ,(ଅମିତ କୁମାର ସାମଲ): ଅନୁଗୋଳ ଜିଲା ନାଲ୍‌କୋ ମୁଣ୍ଡାହଟିଂ ତଥା ସିଆଇଏସ୍‌ଏଫ୍ କଲୋନୀ ନିକଟସ୍ଥ ଜଙ୍ଗଲରେ ବାର୍‌ହା ଆତଙ୍କ। ଜଙ୍ଗଲ ମଧ୍ୟରୁ ବାର୍‌ହା ଆସି ୨ ଜଣଙ୍କୁ ଆକ୍ରମଣ କରି ଲହୁଲୁହାଣ କରିଥିବା ସୂଚନା ମିଳିଛି। ତୁରନ୍ତ ଆହତଙ୍କୁ ଉଦ୍ଧାର କରି ସ୍ଥାନୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

# ସ୍ୱର୍ଗତ ପ୍ରାକ୍ତନ ବିଧାୟକଙ୍କ ପରିବାରକୁ ଭେଟିଲେ କେନ୍ଦ୍ରମନ୍ତ୍ରୀ

**ଅନୁଗୋଳ,୨୪।୧୨(ଅମିତ କୁମାର ସାମଲ)**

ଅନୁଗୋଳର ପ୍ରାକ୍ତନ ବିଧାୟକ ରମେଶ ଜେନାଙ୍କ ଗତ ଶନିବାର ବିୟୋଗ ଘଟିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ତାଙ୍କ କୁଲାଡ଼ ଗ୍ରାମସ୍ଥିତ ବାସଭବନକୁ ଯାଇ ଶୋକାକୁଳ ପରିବାରଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ଏଥିସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି କେନ୍ଦ୍ରମନ୍ତ୍ରୀ। ଶ୍ରମିକମାନଙ୍କ ହିତରେ ପୂର୍ବତନ ବିଧାୟକ ରମେଶ କରିଥିବା କାର୍ଯ୍ୟ ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରକାଶ କରିଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କ ସହ ଭାଜପାର ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ଜିଲା ଭାଜପା ସଭାପତି ଡିଲେଶ୍ୱର ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ଜିଲା ସମ୍ପାଦକ ସୋମନାଥ ରାଉତଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



ସ୍ୱର୍ଗତ ରମେଶ ଜେନାଙ୍କ ପରିବାରକୁ ଭେଟୁଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

# ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

**ପାଲଲହଡ଼ା,୨୪।୧୨(ଦିବ୍ୟଜ୍ୟୋତି ଦାଶ)**

ରାଜ୍ୟ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ରବିବାର ଅନୁଗୋଳ ଜିଲା ପାଲଲହଡ଼ା ନିର୍ବାଚନମଣ୍ଡଳୀ ଗସ୍ତରେ ଆସି ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପାଲଲହଡ଼ା ବିଧାୟକ ମୁକେଶ ପାଲଙ୍କ ନେତୃତ୍ୱରେ ଶିଳାନ୍ୟାସ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ନିର୍ବାଚନମଣ୍ଡଳୀର ୫ ଗୋଟି ସ୍ଥାନରେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ସେଥିମଧ୍ୟରୁ ପାଲଲହଡ଼ା ବାଇପାସ ଛକଠାରୁ କଲେଜ ଛକ ରାସ୍ତା ଉନ୍ନତୀକରଣ ପାଇଁ ୧୨.୭୭ କୋଟି, କୁଚିଆବେଡା ଠାରୁ ଖାରବେଡା ରାସ୍ତାର ଦୋହରୀକରଣ ପାଇଁ ୩୬.୪୨ କୋଟି, ଭାଲୁକି ଛକଠାରୁ ପୋଡ଼ାଗଡ଼ ରାସ୍ତାର ଉନ୍ନତୀକରଣ ପାଇଁ ୪୧.୩୯ କୋଟି, ଧଳଗନ୍ଦିଆ ଭାୟା ସିଆରିଆ ଠାରୁ ଲଙ୍ଗଳଖୋଲ ମହୁଲିଆପଶି ରାସ୍ତାର ଉନ୍ନତୀକରଣ ପାଇଁ ୧୫.୨୨ କୋଟି ଟଙ୍କାର ବ୍ୟୟ ବରାଦରେ ହେବାକୁ ଥିବା ପ୍ରକଳ୍ପର ଶିଳାନ୍ୟାସ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ରିନାରାଣୀ ନାଏକ, ବ୍ଲକ ବିଜେଡି ସଭାପତି, ସରପଞ୍ଚ, ସମିତି ସଭ୍ୟ, ଜିଲାପରିଷଦ ସଦସ୍ୟଙ୍କ ସମେତ ଶତାଧିକ ବିଜେଡି କର୍ମୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।




ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ସହିତ ବିଧାୟକ ମୁକେଶ ପାଲ।

# ଅନନ୍ତ ଡିଏଭିରେ ୨୫ କୁଣ୍ଡୀୟ ମହାଯଜ୍ଞ

**ତାଳଚେର,୨୪।୧୨(ମନୋଜ ନନ୍ଦ)**

ତାଳଚେରସ୍ଥିତ ମହାନଦୀ କୋଲ ଫିଲ୍ଡସ ଜଗନ୍ନାଥ କ୍ଷେତ୍ର ଅନ୍ତର୍ଗତ ଡିଏଭି ପବ୍ଲିକ ସ୍କୁଲ ଅନନ୍ତବିହାର ଦ୍ୱାରା ରଜତ ଜୟନ୍ତୀ ଅବସରରେ ୨୫ କୁଣ୍ଡୀୟ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏମ୍‌ସିଏଲ୍ ଜଗନ୍ନାଥ କ୍ଷେତ୍ର ମହାପ୍ରବନ୍ଧକ (ପର୍ସନାଲ) ବିରଞ୍ଚି ଦାସ, ସମ୍ମାନିତ ଅତିଥି ଭାବେ ମହାପ୍ରବନ୍ଧକ (ଫାଇନାନ୍ସ) ଅଜିତ ରାୟ ଯୋଗ ଦେଇଥିଲେ। ବାନପ୍ରସ୍ଥ ସାଧକଆଶ୍ରମ ଗୁଜରାଟର ସଚିବ ଜୀବନମୁକ୍ତା ନନ୍ଦ ଏବଂ ୩ ଜଣ ବ୍ରହ୍ମଚାରୀଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ବିଦ୍ୟାଳୟ ଅଧ୍ୟକ୍ଷା ଜ୍ୟୋତି ମିଶ୍ର ଯୋଗଦେଇ ବିଦ୍ୟାଳୟ ପରିସରରେ ଥିବା ଦୟାନନ୍ଦ ସରସ୍ୱତୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସଂସ୍କୃତ ଶିକ୍ଷକ ସୁବ୍ରତ ପାଣି ଏବଂ ରବି ନାରାୟଣ ପଣ୍ଡାଙ୍କ ମିଳିତ ପ୍ରଚେଷ୍ଟାରେ ଯଜ୍ଞ ଆୟୋଜନ କରାଯାଇଥିଲା। ଶିକ୍ଷକ ଅଞ୍ଜନ ମୁଦୁଲି, ଅନ୍ତର୍ଯ୍ୟାମୀ ସାହୁ, କରୁଣାକର ସାହୁ, ନିରଞ୍ଜନ ସାହୁ, ସୁନନ୍ଦା ଦାସ, ଦୀପକ ମହାନ୍ତି, ପ୍ରମୋଦ ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ।




# ମାନସିକ ଶାନ୍ତି ପାଇଁ କ୍ରୀଡ଼ା ଜରୁରୀ



**ବଇଣ୍ଡା,୨୪।୧୨(ପରିକ୍ଷିତ ସାହୁ)**

ପ୍ରତ୍ୟେକ କ୍ଷେତ୍ରରେ କ୍ରୀଡ଼ାର ଆବଶ୍ୟକତା ରହିଛି। ବିଶେଷକରି ଶିଶୁଙ୍କ ମାନସିକ ଶାନ୍ତି ପାଇଁ କ୍ରୀଡ଼ାର ଆବଶ୍ୟକ ରହିଥିବା କିଶୋରନଗର ବ୍ଲକ ବଇଣ୍ଡା ମହର୍ଷି ବିଦ୍ୟା ମନ୍ଦିରରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ମତପ୍ରକାଶ କରିଛନ୍ତି। ଏହି କ୍ରୀଡାକୁ ବୁଧବାର ବିଦ୍ୟାମନ୍ଦିର ଅଧ୍ୟକ୍ଷ ସତ୍ପେଶର ସାହୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାମନ୍ଦିରର ସମସ୍ତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଖେଳ ଶିକ୍ଷକ ଭବାନୀ ଶଙ୍କର ମିଶ୍ର, ଅନ୍ୟତମ ଅତିଥି ଭାବେ ଖବରଦାତା ପରିକ୍ଷିତ ସାହୁ, ଶିକ୍ଷକ ସନାତନ ସାହୁ, ରଞ୍ଜିତା ଜେମା, ରଶ୍ମିତା ପଣ୍ଡା, ଅନିତା ପ୍ରଧାନ, ନିହାରିକା ଦାସ, ରୁପାଲି ସାହୁ, ଲକ୍ଷ୍ମୀପ୍ରିୟା ମଲ୍ଲିକ, ବିଧାନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଇନ୍ଦ୍ରଜିତ ପ୍ରଧାନ, ସତ୍ୟଭାମା ପ୍ରଧାନ ପରିଚାଳନା କରିଥିଲେ। ରୋଜାଲିନି ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା।

# ଏନ୍‌ଟିପିସି ଥାନାରେ ନୂତନ ଆଇଆଇସି

**କଣିହାଁ,୨୪।୧୨(ସଚ୍ଚିଦାନନ୍ଦ ପ୍ରଧାନ)**

କଣିହାଁ ବ୍ଲକ ଏନ୍‌ଟିପିସି ଟାଉନ ଥାନାରେ ନୂତନ ଆଇଆଇସି ଭାବେ ସନ୍ତୋଷ କୁମାର ସେଠୀ ଶନିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଜନସାଧାରଣଙ୍କୁ ପୋଲିସର ନ୍ୟାୟିକ ବ୍ୟବସ୍ଥା ଦିଗରେ ସହଯୋଗ ସହିତ ଶାନ୍ତିଶୃଙ୍ଖଳାକୁ ଗୁରୁତ୍ୱ ଦେବେ ବୋଲି ସେ ପ୍ରକାଶ କରିଛନ୍ତି। ସନ୍ତୋଷ ପୂର୍ବରୁ ବନ୍ତଲା ଥାନାରେ କାର୍ଯ୍ୟରତ ଥିଲେ।



# ମୋ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

**ବଇଣ୍ଡା,୨୪।୧୨(ପରିକ୍ଷିତ ସାହୁ)**

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଷୋଳପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ମୋ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରବୀଣ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ମୁଖ୍ୟବକ୍ତା ଭାବେ ବଇଣ୍ଡା ଜନତା ମହାବିଦ୍ୟାଳୟ ଅଧ୍ୟାପକ କାଳିଆ ସେଠୀ, ଅନ୍ୟତମ ଅତିଥି ଭାବେ ଆଠମଲ୍ଲିକ ତହସିଲଦାର ଶ୍ୟାମସୁନ୍ଦର ସାହୁ, ଜିଲା ପରିଷଦ ସଦସ୍ୟ ଯୁଧିଷ୍ଠିର ସିଂହ, ବିଦ୍ୟାଳୟ ପ୍ରତିଷ୍ଠାତା ଭଗବାନ ସାହୁ ଯୋଗ ଦେଇଥିଲେ। ଏଥିରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅଧ୍ୟାପକ ପ୍ରଶ୍ନ ମହାରଣା, ସନ୍ତୋଷ ପ୍ରଧାନ, ସେହ୍ନଲତା ପ୍ରଧାନ, ଚକ୍ରଧର ସାହୁ, ପଞ୍ଚାନନ ଗାଇଗରିଆ, ମେଘନାଥ ସାହୁ, ପଞ୍ଚାନନ ସାହୁ ସହଯୋଗ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



ମୋ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ଅତିଥିମାନଙ୍କୁ ସ୍ୱାଗତ କରାଯାଉଛି।

# ଗଞ୍ଜେଇ ଚାଲାଣ, ଜଣେ ଗିରଫ

**ବଇଣ୍ଡା,୨୪।୧୨(ପରିକ୍ଷିତ ସାହୁ)**

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ପୋଲିସ ପାଇକସାହି ଦଳିତ ସାହିଠାରୁ ଏକ କାର୍ ଓ ଗଞ୍ଜେଇ ଜବତ କରିବା ସହ ଶନିବାର ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କନ୍ଧମାଳ ଜିଲା ଗୋଛାପଡା ଥାନା ଡୁମେରିଗାଟା ଅଞ୍ଚଳର ବସନ୍ତ କହଁର। ଏ ନେଇ ନଂ. ୨୯୨/୨୩ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବସନ୍ତଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ପୋଲିସ କହିଛି, ବସନ୍ତ ଏକ କାରରେ ୧୦ କେଜି ଗଞ୍ଜେଇ ଧରି ଅନୁଗୋଳ ଚାଲାଣ କରୁଥିବାବେଳେ ପାଇକସାହିର ଦଳିତ ସାହିରେ ଗାଡି ଛାଡି ପଳାଇଥିଲେ। ପୋଲିସ ଉକ୍ତ କାରକୁ ଜବତ କରିଥିଲା।

# ବିକାଶ ହତ୍ୟା ମାମଲା: ଜଣେ ଗିରଫ

**ଛେଣ୍ଡିପଦା,୨୪।୧୨ (ଅଜିତ ଧଳ)**

ଅନୁଗୋଳ ଜିଲା ଜରପଡ଼ା ଥାନା କୋରଡ଼ା ଗ୍ରାମର ବିକାଶ ବେହେରା ଅପହରଣ ଓ ହତ୍ୟା ମାମଲାରେ ପୋଲିସ ରବିବାର କୋରଡ଼ା ଗାଁର ପ୍ରବୀଣ ସାହୁ (୨୮)ଙ୍କୁ ଗିରଫ କରିଛି। ପୂର୍ବରୁ ଏହି ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ସଞ୍ଜିଲଙ୍କୁ ପୋଲିସ ଗିରଫ କରିଥିଲା। ପୋଲିସ କହିଛି, ନଭେମ୍ବର ୨୬ ସନ୍ଧ୍ୟାରେ ବିକାଶ କୋରଡ଼ା ଗ୍ରାମ ଉଚ୍ଚ ବିଦ୍ୟାଳୟ ପାଣି ଟାଙ୍କି ନିକଟରେ ଛିଡା ହୋଇଥିବାବେଳେ ତାଙ୍କୁ ଅପହରଣ କରାଯାଇ କଣିହାଁ ଥାନା ବାରିହାପୁର ଜଙ୍ଗଲରେ ହତ୍ୟା କରାଯାଇଥିଲା। ପରେ ମୃତଦେହକୁ ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ଘୋଡ଼ାଡିଆଁ ଗାଁ ନିକଟ ଆମ୍ବବନ୍ଧ ପାଣିରେ ପଥର ବାନ୍ଧି ଫିଙ୍ଗି ଦିଆଯାଇଥିଲା।

# ପାଲଲହଡ଼ା କପ୍: କେନ୍ଦୁଝର ଚାମ୍ପିୟନ




**ପାଲଲହଡ଼ା,୨୪।୧୨ (ଦିବ୍ୟଜ୍ୟୋତି ଦାଶ)**

ଅନୁଗୋଳ ଜିଲା ପାଲଲହଡା ଷ୍ଟାଡିୟମରେ ଚାଲିଥିବା ପାଲଲହଡା କପ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଅନୁଗୋଳ ଏକାଦଶ ଏବଂ କେନ୍ଦୁଝର ଏକାଦଶ ମଧ୍ୟରେ ଅନୁଷ୍ଠିତ ହେଇଥିଲା। ଅନୁଗୋଳ ପ୍ରଥମେ ବ୍ୟାଟିଂ କରି ୧୭୧ ରନ କରିଥିଲା। ଜବାବରେ କେନ୍ଦୁଝର ଆବଶ୍ୟକ ରନ କରି ଚାମ୍ପିୟନ ହୋଇଥିଲା। କେନ୍ଦୁଝର ଏକାଦଶର ତାପସ ରାଉତ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଅନୁଗୋଳ ଏକାଦଶର ରୋହିତ ପ୍ରଧାନ ଶ୍ରେଷ୍ଠ ବୋଲର ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ପାଲଲହଡା ବିଧାୟକ ମୁକେଶ କୁମାର ପାଳ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ନାଏକ, ବିଡିଓ ଦିଲୀପ କୁମାର ବାରା, ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ପ୍ରଧାନ, ବିଷ୍ଣୁପ୍ରସାଦ ଦାସ, ମନୋରଞ୍ଜନ ପାଲ ଯୋଗ ଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଭବନାରାୟଣ ମିଶ୍ର, ଅଭିଷେକ ସାହୁ ପରିଚାଳନା କରିଥିଲେ। ସନ୍ତୋଷ ଗଡ଼ନାୟକ, ଦୀପକ ସାହୁ, ସୁମନ ନାଏକ ସହଯୋଗ କରିଥିଲେ।

# ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ଛେଣ୍ଡିପଦା,୨୪।୧୨(ଅଜିତ ଧଳ)**

ଛେଣ୍ଡିପଦା ବ୍ଲକ ବଡ଼ମହିତଳାସ୍ଥିତ ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଫକୀର ମୋହନ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କ୍ରୀଡ଼ା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡ଼ନାୟକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିନ୍ଦଲର ସିଏଚଆରଓ-ଇଆର-ଇଏସ୍ ଶୁଭଦୀପ ଖାନ, ସମ୍ମାନିତ ଅତିଥି ଭାବେ ଜିନ୍ଦଲ ସିଏସ୍‌ଆର୍ ଡିଜିଏମ୍ ଆଶୁତୋଷ ମିଶ୍ର, ଜିନ୍ଦଲ ସ୍କୁଲର ଶିକ୍ଷକ ଡ. ଅରୁଣ ଦାସ, ଅନୁଗୋଳ ପ୍ରିନ୍ସିପାଲ ଡିଏଭିପିଏସ୍ ମାନସ ରଞ୍ଜନ ପୃଷ୍ଟି, ଅଧ୍ୟକ୍ଷ ଏବଲ ପବ୍ଲିକ ସ୍କୁଲ ହରିଶ ଚନ୍ଦ୍ର ପ୍ରଧାନ ଓ ବିଦ୍ୟାଳୟ ପିଟିସିସି ମେମ୍ବର ଅଭିଭାବକ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ମଧୁମିତା ସାହୁ ଓ ଚିତ୍ତରଞ୍ଜନ ଓଝା ପରିଚାଳନା କରିଥିଲେ। କ୍ରୀଡ଼ା ଶିକ୍ଷକ କୃଷ୍ଣ ଦାସ ବାର୍ଷିକ କ୍ରୀଡ଼ା ବିବରଣୀ ପାଠ କରିଥିଲେ। ଶିକ୍ଷକ ସରୋଜ ଭୂତିଆ, ଦେବବ୍ରତ ପଣ୍ଡା, ସତ୍ୟରଞ୍ଜନ ଦଳାଇ, ଅକ୍ଷୟ ନାୟକ, ଚିତ୍ତରଞ୍ଜନ ଦାସ, ଶିକ୍ଷୟିତ୍ରୀ ସୁଷମା ମହାପାତ୍ର, ମିନତି ମିଶ୍ର, ସ୍ମିତାରଣୀ ଖିଲାରୀ, ଜୁଲି ପାଣି ସହଯୋଗ କରିଥିଲେ।



# ପୁଅଙ୍କୁ ଆଣିବାକୁ ଯାଉଥିବା ମା'ଙ୍କ ମୃତ୍ୟୁ

**ଅନୁଗୋଳ,୨୪।୧୨ (ଅମିତ କୁମାର ସାମଲ)**

ଆଠମଲ୍ଲିକ ବ୍ଲକ ହରିଡାନାଳି ଗ୍ରାମଠାରେ ଏକ ଗାଡ଼ି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ଶନିବାର ସନ୍ଧ୍ୟା ୬ଟା ବେଳେ ହରିଡାନାଳି ଗ୍ରାମ ଶିଶୁ ମନ୍ଦିରରେ ବାର୍ଷିକ ଉତ୍ସବ ପାଳନ ହେଉଥିଲା। ସେଠାକୁ ଯାଇଥିବା ପୁଅକୁ ଆଣିବାକୁ ଯାଉଥିବା ବେଳେ ଗ୍ରାମର ସରିତା ମିଶ୍ର (୩୨)ଙ୍କୁ ଏକ ଗାଡ଼ି (ନଂ. ଓଡି୨୭ଡି-୩୭୫୪) ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଆଠମଲ୍ଲିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ହେଲେ ଏଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଅନୁଗୋଳ ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ବାର୍ଷିକ ଉତ୍ସବ, ପୁରସ୍କାର ବିତରଣ

**ତାଳଚେର,୨୪।୧୨(ମନୋଜ ନନ୍ଦ)**

ହିଙ୍ଗୁଳା କ୍ଲବ ତାଳଚେରର ୫୪ତମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ତାଳଚେର ସ୍ୱୟଂଶାସିତ କଲେଜର ପୂର୍ବତନ ଅଧ୍ୟକ୍ଷ ଅଶୋକ ଶର୍ମା ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। କ୍ଲବ ସଭାପତି ରବିନାରାୟଣ ପାଣି ସଭାପତିତ୍ୱ କରିଥିଲେ। କ୍ଲବ ସହ ସମ୍ପାଦକ ଅଜିତ ରାୟ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କ୍ଲବର ସାଂସ୍କୃତିକ ସମ୍ପାଦକ ମଞ୍ଜ ପରିଚାଳନା କରିଥିଲେ। ୬ ଦିନ ଧରି କୌତୁକ ଖେଳ ଓ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଗୋବର୍ଦ୍ଧନ ବେହେରା, ନିଶାକର କୁଅଁର, ଦୀପକ ରାଉତ, ପ୍ରଫୁଲ୍ଲ ଦାସ, ଅଜୟ ଦାସ, ଶିବାନନ୍ଦ ମଲ୍ଲ ପ୍ରମୁଖ ସହଯୋଗ କରିଥିଲେ।




# ବାଇକ୍ ଦୁର୍ଘଟଣାରେ ଶିକ୍ଷକ ମୃତ

**କଣିହାଁ,୨୪।୧୨ (ସଚ୍ଚିଦାନନ୍ଦ ପ୍ରଧାନ)**

ଅନୁଗୋଳ ଜିଲା କଣିହାଁ ଥାନା ହନୁମାନପୁର ପଞ୍ଚାୟତ ଖଜୁରୀଆ ଗ୍ରାମ ନିକଟରେ ଶନିବାର ବାଇକ୍ ଦୁର୍ଘଟଣାରେ ଖଜୁରୀଆ ଗ୍ରାମର ଶିକ୍ଷକ ଦୟା ଗଡ଼ନାୟକଙ୍କ ମୃତ୍ୟୁ ହୋଇଛି। ସେହି ପଞ୍ଚାୟତର ପୂର୍ବତନ ସରପଞ୍ଚ ଗୋପାଳ ପ୍ରଧାନ ଗୁରୁତର ହୋଇଛନ୍ତି। ଦୁହେଁ ବାଇକରେ ଗାଁକୁ ଫେରୁଥିବାବେଳେ ଏକ ଗାଡି ଉଭୟଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଶିକ୍ଷକ ଦୟା ଗଡ଼ନାୟକଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତରଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ପବିତ୍ରମୋହନଙ୍କ ସ୍ମୃତିପୀଠର ଭିତ୍ତିପ୍ରସ୍ତର



ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**କଣିହାଁ,୨୪।୧୨(ସଚ୍ଚିଦାନନ୍ଦ ପ୍ରଧାନ)**

କଣିହାଁ ବ୍ଲକ ପବିତ୍ରନଗରଠାରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପବିତ୍ରମୋହନ ପ୍ରଧାନଙ୍କ ସ୍ମୃତିପୀଠ ନିର୍ମାଣ ପାଇଁ ରବିବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ରାଜ୍ୟ ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅନୁଦାନରୁ ପୂର୍ତ୍ତ ବିଭାଗ ପକ୍ଷରୁ ଏହି ସ୍ମୃତିପୀଠ ନିର୍ମାଣ କରାଯିବ। ମୁଖ୍ୟ ଅତିଥି ଭାବେ ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ପାଲଲହଡା ବିଧାୟକ ମୁକେଶ କୁମାର ପାଳ ଯୋଗଦେଇ ଫଳକ ଉନ୍ମୋଚନ କରିଥିଲେ। ଅତିଥି ଭାବେ ଆମ ଓଡ଼ିଶା ନବୀନ ଓଡ଼ିଶା ଜିଲା ସଂଯୋଜକ କୈଳାସ ସାହୁ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ ଯୋଗ ଦେଇଥିଲେ। ପରାବିଲ ଗ୍ରାମ ସଭାପତି ରଘୁନାଥ ପ୍ରଧାନ, ପବିତ୍ରମୋହନ ସ୍ମୃତି କମିଟି ସଭାପତି ମାନସ ରଞ୍ଜନ ପ୍ରଧାନ, ସମ୍ପାଦକ ଲମ୍ବୋଦର ପ୍ରଧାନ, ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମନ୍ତ୍ରୀଙ୍କ ଗସ୍ତ ସମୟରେ ମଧ୍ୟ ୧୨ କୋଟି ୫୦ ଲକ୍ଷ ଟଙ୍କାରେ ନିର୍ମାଣ ହେବାକୁ ଥିବା ବିରୁ ପଞ୍ଚାୟତ ଡୋଲଗଣ୍ଡିଆଠାରୁ ବୁରୁକୁନା ପଞ୍ଚାୟତ ଡେରାଗୋଳା ରାସ୍ତାର ନିର୍ମାଣ ପାଇଁ, ଭାଲୁକିଠାରୁ ପୋଡାଗଡ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ସହିତ ବିଧାୟକ ପାଳ, ଜନସାଧାରଣ, ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# କ୍ରୀଡ଼ା ସମାରୋହ ଉଦ୍‌ଯାପିତ

ଢେଙ୍କାନାଳ,୨୪।୧୨(ରତନ ନାୟାର)

ଢେଙ୍କାନାଳ ଓଡ଼ାପଡ଼ା ବ୍ଲକ ସିମିଳଇ ଆଞ୍ଚଳିକ ଡିଗ୍ରୀ କଲେଜ ପକ୍ଷରୁ ନୂଆ ଓଡ଼ିଶା, ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର କ୍ରୀଡ଼ା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ନିରାକାର ପରିଡା, ସମ୍ମାନିତ ଅତିଥି ଭାବେ କଲେଜ ପ୍ରତିଷ୍ଠାତା ଶଶାଙ୍କ ଶେଖର ରଥ, ପରିଚାଳନା କମିଟି ପୂର୍ବତନ ସଭାପତି କୈଳାସ ଚନ୍ଦ୍ର ରାଉତ, ପୂର୍ବତନ ସଭ୍ୟ ଅକ୍ଷୟ କୁମାର ରଥ ପ୍ରମୁଖ ଯୋଗଦେଇଥିଲେ। ଖେଳ ଶିକ୍ଷକ ଅନିଲ ପଣ୍ଡା, କ୍ରୀଡାବିତ୍ ପୁରୁଷୋତ୍ତମ ରାଉତ, ପୂର୍ବତନ ଛାତ୍ର ରାଜେଶ ତ୍ରିପାଠୀ ପ୍ରମୁଖ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଦୌଡ, ଲମ୍ଫଡିଆ, ଉଚ୍ଚଡିଆଁ, ଦୌଡିଟଣା, ସଟପୁଟ, ଡିସକସ ଥ୍ରୋ, ୧୦୦, ୨୦୦, ୪୦୦ ଓ ୮୦୦ମିଟର ଦୌଡ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟାପକ ଶଶଧର ସାହୁ, ଅନ୍ତର୍ଯ୍ୟାମୀ ବେହେରା, ଭାରତୀ ବେହେରା, ସୁରେନ୍ଦ୍ର ପରିଡା, ଧରଣୀଧର ସେଠି, କୀର୍ତି କୌଶିକ ପଣ୍ଡା, ନୋଡାଲ ଅଫିସର ସୁଜିତ ସାମଲ ସହଯୋଗ କରିଥିଲେ।


ସିମିଳଇ ଆଞ୍ଚଳିକ ଡିଗ୍ରୀ କଲେଜରେ କ୍ରୀଡା ସମାରୋହ ଅବସରରେ ଅତିଥିମାନେ।

# ଦୃଢ଼ ମନୋବଳ ରଖି ଆଗକୁ ବଢ଼

ଢେଙ୍କାନାଳ,୨୪।୧୨(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ସଚ୍ଚିଦାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ନୂଆ-ଓ, ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଯୋଗଦେଇ ଦୃଢ଼ ମନୋବଳ ରଖି ଆଗକୁ ବଢ଼ି ଚାଲିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ରାଜକିଶୋର ରାଉତ, ସରପଞ୍ଚ ଲଳିତା ସାହୁ, ଅଧ୍ୟକ୍ଷ ପ୍ରଦୀପ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୋଡାଲ୍ ଅଫିସର ଦୀପ୍ତିବାଳା ମିଶ୍ର ନୂଆ-ଓ କାର୍ଯ୍ୟକ୍ରମର ସାମାଜିକ, କ୍ରୀଡା ଓ ସାଂସ୍କୃତିକ ବିଭାଗର ସମସ୍ତ ବିବରଣୀ ପ୍ରଦାନ କରିଥିଲେ। ବାଳକ ବିଭାଗରେ ଯୁକ୍ତ୨ ଦ୍ୱିତୀୟବର୍ଷ ଛାତ୍ର ସନ୍ତୋଷ ବେହେରା ଚାମ୍ପିୟନ ହୋଇଥିବା ବେଳେ ବାଳିକା ବିଭାଗରେ ଯୁକ୍ତ୨ ପ୍ରଥମବର୍ଷ ଛାତ୍ରୀ ଜସ୍ମିନ ନଇଁମ ଚାମ୍ପିୟନ ହୋଇଥିଲେ। ସାଂସ୍କୃତିକ ପ୍ରତିଯୋଗିତାର ୧୯ଟି ବିଭାଗରେ ୫୯ଜଣ ଓ ସାମାଜିକ ସଚେତନତା ପାଇଁ ୧୦ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ଡ. ପୁଷ୍ପଲତା ରଥ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ସମରେନ୍ଦ୍ର ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଶିଶୁ ମହୋତ୍ସବରେ ଛାତ୍ରୀଛାତ୍ରଙ୍କ ସଫଳତା

କାମାକ୍ଷାନଗର,୨୪।୧୨(ଅମଜାଦ ଖାନ)

ଢେଙ୍କାନାଳ ଲକ୍ଷ୍ମୀଧର ମ୍ୟୁନିସିପାଲିଟି ଉଚ୍ଚ ବିଦ୍ୟାଳୟରେ ଜିଲା ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ ତରଫରୁ ଅନୁଷ୍ଠିତ 'ଶିଶୁ ଉତ୍ସବ'ରେ କାମାକ୍ଷାନଗର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସଫଳତା ହାସଲ କରିଛନ୍ତି। 'ଶିଶୁ ଉତ୍ସବ' ଉପଲକ୍ଷେ ହୋଇଥିବା ଜିଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ଏହି ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ରୀ ପାୟଲ ସାହୁ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ଶିଶୁ ଉତ୍ସବରେ ଯୋଗ ଦେବାକୁ ମନୋନୀତ ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ସେହିପରି ୧୦ମ ଶ୍ରେଣୀ ଛାତ୍ର ପ୍ରୀତିରଞ୍ଜନ ଦାଶ ସଙ୍ଗୀତରେ ୩ୟ ସ୍ଥାନ ଅଧିକାର କରିଛନ୍ତି। ଏହି ଖବର ପାଇବା ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରବୋଧ କୁମାର ମହାପାତ୍ର ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହାପୂର୍ବରୁ ବ୍ଲକସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ପାୟଲ ପ୍ରଥମ ସ୍ଥାନ ହାସଲ କରି ଜିଲାସ୍ତରକୁ ମନୋନୀତ ହୋଇଥିଲେ। ଏହି ସଫଳତାରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ଶିକ୍ଷା କର୍ମଚାରୀ, ଛାତ୍ରୀଛାତ୍ର ଓ ଅଭିଭାବକମାନେ ଖୁସିବ୍ୟକ୍ତ କରିଛନ୍ତି।



# ରାଜନୀତି ବିଜ୍ଞାନର ଜ୍ଞାନ ଗଣତନ୍ତ୍ରକୁ ସୁଦୃଢ଼ କରିଥାଏ

ଢେଙ୍କାନାଳ,୨୪।୧୨(ରତନ ନାୟାର)

ଢେଙ୍କାନାଳ ଜିଲା ଶିକ୍ଷା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରବିବାର ଶିକ୍ଷକ, ଶିକ୍ଷା ଏବଂ ରାଜ୍ୟ ଶୈକ୍ଷିକ ଗବେଷଣା ଓ ତାଲିମ ପରିଷଦ ଭୁବନେଶ୍ୱର ସହଯୋଗରେ ଢେଙ୍କାନାଳ ଜିଲାସ୍ତରୀୟ ଯୁବସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ବିନିତା ସେନାପତି ଯୋଗଦେଇ ରାଜନୀତି ବିଜ୍ଞାନର ଜ୍ଞାନ ଗଣତନ୍ତ୍ରକୁ ସୁଦୃଢ଼ କରିଥାଏ ବୋଲି ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସସ୍ମିତା ସାହୁ ଯୋଗ ଦେଇଥିଲେ। ବିଚାରକ ଭାବେ ଅବସରପ୍ରାପ୍ତ ପ୍ରାଧାପକ ଅଟଳ ବିହାରୀ ଦାସ ଓ ସାହିତ୍ୟିକ ଅବନୀ ମିଶ୍ର ଯୋଗ ଦେଇଥିଲେ। ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଲକ୍ଷ୍ମୀଧର ମହାନ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ସରକାରୀ ଉଚ୍ଚ ବିଦ୍ୟାଳୟ, ଆଦର୍ଶ ବଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ରୀଛାତ୍ର ନିଜର ମାର୍ଗଦର୍ଶକ ଶିକ୍ଷୟିତ୍ରୀଶିକ୍ଷକ ଓ ଅଧ୍ୟାପିକାଅଧ୍ୟାପକଙ୍କ ସହ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ଡ. ଦେବୀ ପ୍ରସାଦ ମିଶ୍ର ପ୍ରଶିକ୍ଷକ ଭାବେ ଯୋଗଦେଇ ଯୁବ ସଂସଦର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଡ. ଅନୁପମା ମିଶ୍ର ବାଚସ୍ପତି ଭାବେ ଲୋକସଭା ଛାୟା ସଂସଦ ପରିଚାଳନା କରିଥିଲେ। ବ୍ରଜନାଥ ବଡଜେନା ସରକାରୀ ଉଚ୍ଚ ବିଦ୍ୟାଳୟ ଢେଙ୍କାନଳର ୯ମ ଶ୍ରେଣୀ ଛାତ୍ର ଚିନ୍ମୟୀ ବେହେରା ସର୍ବଶ୍ରେଷ୍ଠ ପ୍ରତିଯୋଗୀ ଭାବେ ପ୍ରଥମସ୍ଥାନ ଅଧିକାର କରି ପୁରସ୍କୃତ ହେବା ସହିତ ରାଜ୍ୟସ୍ତରୀୟ ଯୁବ ସଂସଦ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ।


ଜିଲାସ୍ତରୀୟ ଯୁବ ସଂସଦ କାର୍ଯ୍ୟକ୍ରମ।

# ନିଆଁ ଲାଗି ଗୁରୁତର ମହିଳାଙ୍କ ମୃତ୍ୟୁ

ଅନୁଗୋଳ,୨୪।୧୨
(ଅମିତ କୁମାର ସାମଲ)

ଅନୁଗୋଳସ୍ଥିତ ମାଳତୀ ଚୌଧୁରୀ ଆଶ୍ରମରେ କାର୍ଯ୍ୟରତ ମହିଳା ସ୍ୱାସ୍ଥ୍ୟକର୍ମୀ ଗୁଞ୍ଜରୀ ଦେଇ ଗତରାତିରେ ନିଆଁ ପୋଇଁ ହେଉଥିବା ବେଳେ ଲୁଗାରେ ନିଆଁ ଲାଗିଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ନେଇ ଡାକ୍ତରଖାନା କର୍ତ୍ତୃପକ୍ଷ ଥାନାରେ ଜଣାଇବା ପରେ ରବିବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ସାହିତ୍ୟ ସଂସଦ ପକ୍ଷରୁ ପ୍ରବନ୍ଧ ପ୍ରତିଯୋଗିତା

ଢେଙ୍କାନାଳ,୨୪।୧୨(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ଇନ୍ଦିପୁରସ୍ଥିତ ସାଗର ସାହିତ୍ୟ ସଂସଦ ପକ୍ଷରୁ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଇନ୍ଦିପୁର ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ମଧୁସ୍ମିତା ସାହୁ ପ୍ରଥମ, ସଙ୍ଗୀତା ସାହୁ ଦ୍ୱିତୀୟ ଓ ରତ୍ନପ୍ରଭା ଦାସ ତୃତୀୟସ୍ଥାନ ଅଧିକାର କରିଥିଲେ। ସେହିପରି ଇନ୍ଦିପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଶୁଭଶ୍ରୀ ପ୍ରଧାନ ପ୍ରଥମ, ଛାତ୍ର ସାଗର ରଞ୍ଜନ ସାହୁ ଦ୍ୱିତୀୟ ଓ ପି ପ୍ରତ୍ୟାଶା ତୃତୀୟସ୍ଥାନ ଅଧିକାର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣପ୍ରିୟା ସାହୁ, ପ୍ରିୟଙ୍କା ପ୍ରିୟଦର୍ଶିନୀ ମୁଦୁଲି, ଶ୍ରାବଣୀ ପୃଷ୍ଟି, ମୀରା ପ୍ରଧାନ, ଲୋପାମୁଦ୍ରା ବେହେରା ନିଜ ରଚନା ଶୈଳୀରେ ସମସ୍ତଙ୍କୁ ଆକର୍ଷିତ କରିଥିବାରୁ ସମ୍ବର୍ଦ୍ଧିତ ହୋଇଥିଲେ। ପ୍ରତିଯୋଗିତାରେ ଇନ୍ଦିପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ବର୍ଷା ମହାରଣା ପ୍ରଧା, ସାଇ ପ୍ରସାଦ ଜେନା ଦ୍ୱିତୀୟ ଓ ଅନିମେଶ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଆସନ୍ତା ୩୧ ତାରିଖ ସାଗର ସାହିତ୍ୟ ସଂସଦର ବାର୍ଷିକ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ସଂସଦର କର୍ମକର୍ତ୍ତା, ବିଦ୍ୟାଳୟର ଶିକ୍ଷକମାନେ ପରିଚାଳନା କରିଥିଲେ।



ସାଗର ସାହିତ୍ୟ ସଂସଦ ପକ୍ଷରୁ ପ୍ରବନ୍ଧ ପ୍ରତିଯୋଗିତା।



